### କାକଟପୁର ତହସିଲ ଅଞ୍ଚଳରେ ଚାଲିଛି ଶତାଧିକ ଇଟାଭାଟି

# ସରକାରୀ ରେକର୍ଡରେ ମାତ୍ର ୪୫ଟି

**ଗମ୍ଭାରୀପଦା/କାକଟପୁର, ୧୬ ।୩(ସମିସ)**



ପୁରୀ ଜିଲ୍ଲାର କାକଟପୁର ତହସିଲ ଅଧିନରେ ୫ ଟି ଆରଆଇ ସର୍କଲର ରହିଛି ।ସମଗ୍ର ତହସିଲ ଅଞ୍ଚଳରେ ଶତାଧିକ ବେଆଇନ ଇଟାଭାଟି ପରିବେଶକୁ ପ୍ରଦୂଷଣ କରୁଥିବା ବେଳେ କର୍ତ୍ତବ୍ୟରତ ଆରଆଇଙ୍କ ରିପୋର୍ଟ ଅନୁସାରେ କାକଟପୁର ସେକ୍ସନରେ ୮ଟି, କଣ୍ଟାପଡ଼ାରେ ୧୦ଟି ଚିତ୍ରେଶ୍ୱରୀରେ ୪ଟି, ବାଙ୍ଗୁରୀଗାଁରେ ୯ଟି ଓ ଲତାହରଣରେ ୧୪ଟି ମୋଟ ୪୫ଟି ଇଟାଭାଟି ରହିଛି। ଗ୍ରୀନ୍ ଟ୍ରିବୁନାଲଙ୍କ ନିର୍ଦ୍ଦେଶ ଏବଂ ସରକାରୀ ନିୟମକୁ ଅବମାନନା କରି ସଂରକ୍ଷିତ ଜଙ୍ଗଲ ଜମି, ଗୋଚର, ଠାକୁରଙ୍କ ସମ୍ପତ୍ତି, ଅନାବାଦୀ ଜମି ସମେତ ଗ୍ରାମ୍ୟ ଜଙ୍ଗଲ, ନଦୀପଠା, ଜନବସତି ଅଞ୍ଚଳ ଗୁଡିକରେ ଇଟାଭାଟି କୁଟିର ଶିଳ୍ପ ଭାବେ ଗଢିଉଠିଛି ।ସରକାରୀ ଯାଗାରୁ ମାଟି, ନଦୀର ପାଣି, ପାଖ ବିଦ୍ୟୁତ୍ ଖୁଣ୍ଟରୁ ହୁକ ପକାଇ ବେଆଇନ ବିଦ୍ୟୁତ୍ ବ୍ୟବହାର କରି ଇଟା ବେପାରୀ ମାନେ ମାଲାମାଲ ହେଉଛନ୍ତି। ଏମିତିକି କେତେକ ଇଟାଭାଟି ମାଲିକ ଇଟା ପକାଯାଉଥିବା ସ୍ଥାନକୁ କିଏ ଆସୁଛି କିଏ ଯାଉଛି ଜାଣିବା ପାଇଁ ସିସି କ୍ୟାମରା ମଧ୍ୟ ଲଗାଇଛନ୍ତି। ଇଟା ମାଫିଆଙ୍କ ଠାରୁ ଜରିମାନା ଯେତିକି ଆଦାୟ ହେଉନି ତାଠାରୁ ଅଧିକ ଅର୍ଥ ଉକ୍ତ ବିଭାଗର କିଛି କର୍ମଚାରୀମାନେ ବାଟମାରଣା କରୁଛନ୍ତି ବୋଲି ଅଭିଯୋଗ ହେଉଛି। ମାଟି ମାଫିଆ ଓ ଇଟା ମାଫିଆଙ୍କ ଘରେ ସମୟାନ୍ତରେ ଅନୁଷ୍ଠିତ ଭୋଜିରେ ଉକ୍ତ ବିଭାଗର କିଛି କର୍ମଚାରୀ ଓ ଅଧିକାରୀମାନଙ୍କୁ ଦେଖିବାକୁ ମିଳୁଥିବା କିଛି ଗ୍ରାମବାସୀ ନାମ ଗୋପନରଖି ପ୍ରକାଶ କରିଛନ୍ତି। ଜନସତିରୁ ଏକ କିମି ଏବଂ ସର୍ବସାଧାରଣ ଯାତାୟତ କରୁଥିବା ରାସ୍ତାର ୫ ଶହ ମିଟର ଦୂରରେ ଇଟାଭାଟି କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଥିବା ବେଳେ ଇଟାଭାଟି ମାଲିକମାନଙ୍କ ପ୍ରତି କିଛି ଆର୍‌ଆଇଙ୍କ ଅହେତୁକ ଅନୁକମ୍ପା ଥିବାରୁ ସବୁ କିଛି ମ୍ୟାନେଜେ ହୋଇ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କାକଟପୁର ତହସିଲ ୫ଟି ଆରଆଇ ସର୍କଲରେ ଶତାଧିକ ବେଆଇନ ଇଟାଭାଟି ଥିବା ବେଳେ କିଛି ଆରଆଇଙ୍କ ମନ୍ଦ ଉଦ୍ଦେଶ୍ୟ ଯୋଗୁଁ ସରକାରୀ ହିସାବରେ ୪୫ଟି ଇଟାଭାଟି ଦର୍ଶାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀ ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଓ ପରିବେଶବିତ୍‌ମାନେ ଦୃଢ଼ ଦାବି କରିଛନ୍ତି।

## ନକଲି ସାମଗ୍ରୀ ପେଣ୍ଠସ୍ଥଳୀ ଯୋଗେଶ୍ୱରପୁର, ପ୍ରଶାସନ ଚଢ଼ଉ ଦାବି

**ନୟାହାଟ, ୧୬ ।୩(ସମିସ):** ଗୋପ ବ୍ଲକ ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ପଞ୍ଚାୟତ ଯୋଗେଶ୍ୱରପୁର ବଜାର ବଜାର ବସ୍‌ଷ୍ଟାଣ୍ଡ ପାଖରେ ଦୁଇ ମହଲା କୋଠା ତଳେ ଚାଲିଛି ନକଲି ସାମଗ୍ରୀର ଅବାଧ କାରବାର। ତାରିଣୀ ମନ୍ଦିର ସମ୍ମୁଖରେ ଥିବା ଘରେ ଜଣେ ବ୍ୟବସାୟୀ କଲିକତାରୁ ବିଭିନ୍ନ ନକଲି ସାମଗ୍ରୀ ଆଣି ଆଖପାଖ ଅଞ୍ଚଳର ଖୁଚୁରା ବ୍ୟବସାୟୀମାନଙ୍କୁ ଏକ ଖୋଳରେ ୨ ନଂ ଜିନିଷ ପ୍ୟାଙ୍ଗ କରି ଶସ୍ତାରେ ବିକି କରୁଛନ୍ତି। ଯାହା ଫଳରେ ପ୍ରତିଷ୍ଠିତ କମ୍ପାନୀମାନେ ବଦନାମ ହେଉଛନ୍ତି। କଲିକତା ଅଞ୍ଚଳରୁ ପାଉଣ୍ଡର, ଶିଶୁ ମାନଙ୍କ ଖାଦ୍ୟ, ପାନ ମସଲା, ବାସ୍ନାତେଲ, ସିଗାରେଟ୍, କ୍ରିମ, ଅଲତା, ବିଡ଼ି, ଚକଲେଟ୍, ଗୁଟୁଖା, କୁରୁକୁରି, ନକଲି ଥଣ୍ଡା ପାନୀୟ ପ୍ରମୁଖ ଆଣି ନୟାହାଟ, କାକଟପୁର, ଅସ୍ତରଙ୍ଗ, ଗୋପ, ଚାରିଛକ, ନିଆଳି ପ୍ରମୁଖ ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଉଛି। ଏହି ସବୁ ନକଲି ଜିନିଷ ଲୋକମାନେ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଉକ୍ତ ବ୍ୟବସାୟୀ ଜଣକ ବିଭିନ୍ନ ସ୍ଥାନରେ ନକଲି ସାମଗ୍ରୀ ଷ୍ଟକ ରଖି ଲକ୍ଷ ଲକ୍ଷ ଟଙ୍କାର କାରବାର କରି ସରକାରଙ୍କ ରାଜସ୍ୱ ଫାଙ୍କୁଛନ୍ତି। ପ୍ରଶାସନ ପକ୍ଷରୁ ଚଢ଼ଉ କରିବା ପାଇଁ ସାଧାରଣ ଦାବି ହେଉଛି।

## ରାଜ୍ୟସ୍ତରୀୟ ପଶା ଖେଳ ପ୍ରତିଯୋଗିତା



ସାକ୍ଷୀଗୋପାଳ, ୧୬।୩(ସମିସ): ସାକ୍ଷୀଗୋପିନାଥ ମନ୍ଦିର ସମ୍ମୁଖରେ ରାଜ୍ୟସ୍ତରୀୟ ବାର୍ଷିକ ପଶା ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ପଶା ଖେଳ ସଂଘ ପକ୍ଷରୁ ପ୍ରତିଯୋଗିତା ଆୟୋଜନ କରାଯିବା ସହ ସମସ୍ତ ସଦସ୍ୟମାନେ ପଶା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ବିଳମ୍ବିତ ରାତିରେ ସାକ୍ଷୀଗୋପିନାଥ ସେବାୟତ ସଂଘର ସମ୍ପାଦକ ବିଜୟ କୁମାର ନନ୍ଦ, ପଶାଖେଳାଳୀ ତଥା ସେବାୟତ ସୁରେନ୍ଦ୍ର ମହାପାତ୍ର, ସେବାୟତ ସଂଘର ସଦସ୍ୟ ସୁବାସିତ ମେକାପ ଓ ପ୍ରଫୁଲ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ପଶା କାଠି ଗଡ଼ାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରାୟ ବିଭିନ୍ନ ସ୍ଥାନରୁ ୪୫ ଟି ଦଳ ଅଂଶ ଗ୍ରହଣ କରିଥିବା ଖେଳ ପରିଚାଳନା କମିଟିର ସଦସ୍ୟ ଫ୍ରଫୁଲ ଜେନାଙ୍କ ଠାରୁ ସୁଚନା ମିଳିଛି। ପଥମ ମ୍ୟାଚ ମୁକ୍ତାପୁର ସହିତ ବାଟୁଳିପଡ଼ା ପଶା ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପଶା ଖେଳ ଚାଲିଥିଲା।

## ମନ୍ଧାରବସ୍ତରେ ଅଘୋଷିତ ବିଦ୍ୟୁତ୍ କାଟ୍

**କଣାସ, ୧୬ ।୩(ସମିସ):** ଖୋର୍ଦ୍ଧା ଡିଭିଜନର ମନ୍ଧାରବସ୍ତ ବିଦ୍ୟୁତ୍ ଫିଡରରେ ଆଘୋଷିତ ବିଜୁଳି କାଟ୍ ଫଳରେ ବିଦ୍ୟୁତ୍ ଉପଭାକ୍ତାମାନେ ଅଣନିଶ୍ୱାସି ହୋଇପଡ଼ିଲେଣି। ପ୍ରତିଦିନ ପ୍ରାୟ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଜୁଳି କାଟ୍ ହେଉଛି। ଏହି ବିଜୁଳି କାଟ୍ ସମୟରେ ବିଦ୍ୟୁତ୍ ସରବରାହ କ୍ଷେତ୍ରରେ କାର୍ଯ୍ୟକରୁଥିବା କର୍ମଚାରୀ ବିଜୁଳିକାଟ ସମ୍ପର୍କରେ ଜଣାଇବାକୁ ଚେଷ୍ଟାକଲେ ମଧ୍ୟ ସେ ସମୟରେ ସେମାନଙ୍କର ମୋବାଇଲି ସୁଇଚ୍‌ଅଫ୍ ରହୁଛି। ପରବର୍ତ୍ତି ଅବସ୍ଥାରେ ପଚାରିଲେ କହୁଛନ୍ତି ଉପରୁ ବିଦ୍ୟୁତ୍ କଟୁଛି। ଆମେ କଣ କରିବୁ। ମନ୍ଧାରବସ୍ତ ଫିଡରରେ ପ୍ରାୟ ୨୫୦୦ ବିଦ୍ୟୁତ୍ ଉପଭକ୍ତା ଅଛନ୍ତି। ପ୍ରତିଦିନ ଏପରି ହଇରାଣ ହରକତ ହେବାଯୋଗୁଁ ପୁରାତନ ପରମ୍ପରା ଡିବି, ଲଣ୍ଠନ ଓ ମହବତୀର ସହାୟତା ନେବାକୁ ବାଧ ହେଉଛନ୍ତି। ଅଭିଯୋଗ କଲେ କେହି ଶୁଣିବାକୁ ନାହାଁନ୍ତି। ଏପରି କି ରାତିରେ ୪ରୁ ୫ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ସାମାନ୍ୟ ଟିକିଏ ଗଛର ପତ୍ର ହଲିଲେ ବିଜୁଳି କାଟି ଦିଆଯାଉଛି। ଫଳରେ ବିଦ୍ୟୁତ୍ ଉପଭକ୍ତାମାନଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ବିରତୋଇ ଗ୍ରାମରେ ଚୋରି

**କଣାସ, ୧୬ ।୩(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ଖାରଦ ପଞ୍ଚାୟତ ବିରତୋଇ ଗ୍ରାମର ସର୍ବେଶ୍ୱର ବଳିୟାରସିଂହଙ୍କ ବାସଗୃହରେ ଚୋରମାନେ ଶୁକ୍ରବାର ମଧ୍ୟରାତ୍ରରେ ଘର ପଛକବାଟ ଭାଙ୍ଗି ଚୋରି କରିଥିବା ଗଡ଼ିଶାଗୋଦା ଥାନରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ଚୋରମାନେ ଶୁକ୍ରବାର ମଧ୍ୟରାତ୍ରରେ ବାଡିପଟର ଦୁଇଟି କବାଟଭାଙ୍ଗି ଘରଭିତରେ ପ୍ରବେଶ କରି ଘରଭିତରେ ଥିବା ଟ୍ରଙ୍କକୁ ବାହାରକୁ ନେଇ ଟ୍ରଙ୍କ ମଧ୍ୟରେ ଥିବା ସୁନା, ରୂପା, କଂସା, ପିତଳ ଓ ନଗଦ ୨୦ହଜାର ଟଙ୍କା ନେଇଯାଇଥିବା ସର୍ବେଶ୍ୱର ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଗଡ଼ିଶାଗୋଦା ଆଇଆଇସି ଦୁର୍ଗାଚରଣ ମହାପାତ୍ର ଅଭିଯୋଗ ପାଇବା ପରେ ଏକ ମକଦମା କରି ତଦନ୍ତ ଚଳାଇଛନ୍ତି।

## ଶିବ ଦର୍ଶନ ଆଧ୍ୟାତ୍ମିକ ମହୋତ୍ସବ ଉଦ୍‌ଘାଟିତ



**ନୟାହାଟ/ଚାରିଛକ, ୧୬ ।୩(ସମିସ)**

ପୁରୀ ଜିଲ୍ଲାର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଚାରିଛକ ଶାଖାର ବ୍ରହ୍ମକୁମାରୀ ମଞ୍ଜୁଙ୍କ ନେତୃତ୍ୱରେ ଶନିବାର ସନ୍ଧ୍ୟାରେ ଆଧ୍ୟାତ୍ମିକ ମହୋତ୍ସବ ଚାରିଛକ ବ୍ରହ୍ମେଶ୍ୱର ମନ୍ଦିର ପ୍ରାଣଙ୍ଗରେ ଅନୁଷ୍ଠିତ ହୋଇଯାଇଛି। ଶିବଦର୍ଶନ ଆଧ୍ୟାନିକ ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ନିର୍ଦ୍ଦେଶକ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ଓ ବ୍ରହ୍ମକୁମାରୀ ସବଜୋନ ପୁରୀର ରାଜଯୋଗିନୀ ବ୍ରହ୍ମକୁମାରୀ ପ୍ରତିମା, ସମ୍ମାନିତ ଅତିଥି ଭାବେ ନିଆଳି ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ପୂର୍ବତନ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଚନ୍ଦ୍ରକାନ୍ତ ଦଳାଇ, ପୂର୍ବତନ ପୁରୀ ଜିଲ୍ଲା ୨୧ ନଂ ଜିଲ୍ଲାପରିସଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ସମାଜ ସେବୀକା ତଥା ଏସ୍‌ଏଚଜିର ସଭାନେତ୍ରୀ ସସ୍ମିତା ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ।ଏହି ଆଧ୍ୟାତ୍ମିକ ମହୋତ୍ସବରେ ସାରା ବିଶ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇବା ପାଇଁ ସାମ୍ପ୍ରତିକ ପରିସ୍ଥିତିରେ ଆଧ୍ୟାତ୍ମିକ ଜ୍ଞାନର ଆବଶ୍ୟକତା ବୋଲି ମୁଖ୍ୟ ବକ୍ତା କହିଥିଲେ।ଏହି ଉତ୍ସବରେ ନିର୍ମାଣ କରାଯାଇଥିବା ବିଭିନ୍ନ ପ୍ରକାର ଲକ୍ଷ୍ମୀ ନାରାୟଣ, ଶିବ ଲିଙ୍ଗ ସହିତ ବିଭିନ୍ନ ପ୍ରକାର ସଖୀକୁ ସୁସଜିତ ପୁଷ୍ପମାଲ୍ୟ ରଙ୍ଗୀନ ଆଲୋକରେ ବିଗ୍ରହ ଭକ୍ତମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ମହୋତ୍ସବ କାର୍ଯ୍ୟକ୍ରମରେ ବ୍ରହ୍ମ କୁମାରୀ ସୁଷମା, ବ୍ରହ୍ମ କୁମାରୀ ରଶ୍ମିତା, ସହିତ ଭ୍ରାତା ନିରଞ୍ଜନ, କୁଳମଣି, ନାରାୟଣ, କେଦାର, ଦୈତାରି, ଶ୍ରୀଧର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଉତ୍ସବ ରେ ବିଭିନ୍ନ ଶାଖାରୁ ଭାଇ ଭଉଣୀ ସହ ଶତାଧିକ ଭକ୍ତ ଯୋଗଦେଇ ଆଧ୍ୟାଇକ ବିଷୟରେ ଶୁଣିଥିଲେ। ଏହି ସମ୍ମିଳନୀରେ ବିଭିନ୍ନଜ ଜ୍ଞାନ ଆହରଣ ପାଇଁ ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଛି।

## ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ



**ଡେଲାଙ୍ଗ, ୧୬।୩ (ସମିସ):** ଡେଲାଙ୍ଗ-ବ୍ରହ୍ମଗିରୀ ରାସ୍ତାର ଶ୍ରୀପୁରୁଷୋତ୍ତମପୁର ଛକ ଠାରୁ ଶ୍ରୀପୁରୁଷୋତ୍ତମପୁର, ବିଦୁରପୁର, ଜେନାପୁର ଓ ହାକପଡ଼ା ପ୍ରମୁଖ ଗ୍ରାମ ଦେଇ ପଟ୍ଟନାଇକିଆ-ଖୋର୍ଦ୍ଧା ରାସ୍ତାର ପୋସଲ ଛକ ପର୍ଯ୍ୟନ୍ତ ପ୍ରାୟ ୮କି.ମି ରାସ୍ତାର ପ୍ରଶସ୍ତିକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥି ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ନଡିଆ ବାଡେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଜିଲ୍ଲା ପରିଷଦ ସଭ୍ୟା ଦିପ୍ତିଶ୍ରୀ ରାଉତରାୟ, ଜେନାପୁର ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ, ଶ୍ରୀପୁରୁଷୋତ୍ତମପୁର ସରପଞ୍ଚ ହିରଣ୍ୟମୟୀ ମହାପାତ୍ର, ସମିତିସଭ୍ୟ ରବୀନ୍ଦ୍ର ପ୍ରଧାନ, ସଚ୍ଚିକାନ୍ତ ଜେନା, ନରହରି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ରାସ୍ତା ଓ ଗୃହ ନିର୍ମାଣ ଭୁବନେଶ୍ୱର (ଡିଭିଜନ-୨) ବିଭାଗ ଅଧିନ ଏହି ରାସ୍ତା କାର୍ଯ୍ୟ ସମାପନ ହେଲେ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ କୁଞ୍ଜର, ଇନ୍ଦିପୁର, ଅଭୟମୁଖୀ, ବିଳାସପୁର, ଦାସବିଦ୍ୟାଧରପୁର ପ୍ରମୁଖ ଗ୍ରାମ ଗୁଡିକ ସୁବିଧାରେ ସାତଶଙ୍ଖ, ସତ୍ୟବାଦୀ, ପୁରୀ, ଡେଲାଙ୍ଗ ପ୍ରମୁଖ ସ୍ଥାନ ଗୁଡିକୁ ଯାତାୟତ କରିପାରିବେ।

### ଉପକନିଷ୍ଠ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତା

## ଓଡ଼ିଶା ଦଳରେ ପୁରୀର ୮ ଖେଳାଳି

**ପୁରୀ, ୧୬।୩(ସମିସ)**

ତୃତୀୟ ଉପକନିଷ୍ଠ ଜାତୀୟ ବାଳକ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ଦଳରେ ପୁରୀ ଜିଲ୍ଲାର ୮ ଜଣ ମୁଷ୍ଟିଯୋଦ୍ଧା ସ୍ଥାନୀତ ହୋଇଛନ୍ତି। ଆସନ୍ତା ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶ ଗ୍ରେଟର ନୋଏଡାସ୍ଥିତ ସହିଦ ବିଜୟ ସିଂ ପାଥିକ କ୍ରୀଡ଼ା କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଓଡ଼ିଶା ଦଳ ୟୁପି ଯାତ୍ରା କରିଛନ୍ତି। ପୁରୀରୁ ସାମିଲ ହୋଇଥିବା ଖେଳାଳିମାନେ ହେଲେ ଆଶିଷ କୁମାର ବେହେରା (୩୩-୩୫ କେଜି), ନରେନ୍ଦ୍ର ସାହୁ (୩୫-୩୭ କେଜି), ଭଗବାନ ବେହେରା (୩୭-୪୦ କେଜି), ଟି. ସନ୍ଦୀପ ରାଓ(୪୦-୪୩ କେଜି), ଋତୁରାଜ ଜେନା (୪୩-୪୬ କେଜି), ଆୟୁଷ୍ମାନ ଭାରତୀ (୪୬-୪୯ କେଜି), ମନୋଜ କୁମାର ସାହୁ (୪୯-୫୨ କେଜି), ବିରଞ୍ଚି ନାରାୟଣ ଯଣ ନନ୍ଦ(୭୦ କେଜିରୁ ଊର୍ଦ୍ଧ୍ୱ)। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ରବିଶଙ୍କର ପ୍ରତିହାରୀ, ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ, ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରି ଶୁଭେଚ୍ଛା ଜଣାଇଛନ୍ତି।

## ୨୫ରେ କୃଷ୍ଣପ୍ରସାଦ ଦୋଳଯାତ୍ରା ମହୋତ୍ସବ


**କୃଷ୍ଣପ୍ରସାଦ, ୧୬ ।୩(ସମିସ):** ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପାରିକୁଦଗଡ଼ ଚନ୍ଦନ ଯାତ୍ରା ପଡ଼ିଆରେ ଦୋଳଯାତ୍ରା ମହୋତ୍ସବ ୨୫ ତାରିଖରେ ଅନୁଷ୍ଠିତ ହେବ। ପାଞ୍ଚ ମୌଜା ପରିଚାଳନା କମିଟି ନେତୃତ୍ୱରେ ଆୟୋଜିତ ଉତ୍ସବରେ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ପୌରୋହିତ୍ୟ କରିବେ। ପୂର୍ବ ନୀତିବିଧି ଓ ପରମ୍ପରା ଅନୁସାରେ ମୁଖ୍ୟ ପୀଠାଧିଶ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଓ ଦଧିବାମନ ଦେବଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ସ୍ଥାନରୁ ୨୩ ଠାକୁର ହଜାରହଜାର ଭକ୍ତଙ୍କ ଗହଣରେ ମେଳଣ ପଡ଼ିଆକୁ ବିଜେ କରିଥାନ୍ତି। ସୁନ୍ଦର ଆଲୋକସଜ୍ଜା, ଚିତାକର୍ଷକ ଆତସବାଜି ପ୍ରଦର୍ଶନ, ତୁରୀ ଶଙ୍ଖନାଦ, ସମରକଳା ପାଇକଆଖଡା ଆଦି ଶୋଭାଯାତ୍ରାରେ ଦେଖିବାକୁ ମିଳିଥାଏ। ମହୋତ୍ସବ କୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟିର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଠାକୁରଙ୍କ ମେଳଣ ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ ଉତ୍ସବକୁ ସରସ ସୁନ୍ଦର କରିବା ଦିଗରେ ଲାଗିପଡ଼ିଛନ୍ତି।

## ପାଇକଗୁରୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ




**କୃଷ୍ଣପ୍ରସାଦ, ୧୬ ।୩ (ସମିସ):** ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପାଇକରାପୁରରେ ପାଇକ ରାଜେନ୍ଦ୍ରନାଥ ଦଳେଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ଏହି ଉତ୍ସବରେ ନିଖିଳ ଓଡ଼ିଶା ପାଇକ ସଂଘ ସଭାପତି ଅଶୋକ ପାଲଟା ସିଂହ, ସଂଯୋଜକ କେଦାରନାଥ ଦାସ, କୋଷାଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ପାଟଶାଣୀ, ମାଲୁଦ ଦକ୍ଷିଣ କବାଟ ପାଇକ ସର୍ଦାର ରବୀନ୍ଦ୍ରନାଥ ଦାସ, ଉପଦେଷ୍ଟା ଭାସ୍କର ସୁନ୍ଦରାୟ, ବିଭୂତି ସ୍ୱାଇଁ, ବିଜୟକୁମାର ଆଇଚ, କୃଷ୍ଣପ୍ରସାଦ ପାଇକ ସଭାପତି ଦୁଃଶାସନ ଦାସ, ବରିଷ୍ଠ ପାଇକ ଗୁରୁ ଲକ୍ଷ୍ମଣ ଜେନା ଯୋଗଦେଇଥିଲେ ।କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମରୁ ବହୁ ପାଇକ ଯୋଗଦେଇ ପାଇକ କୌଶଳ ପ୍ରଦର୍ଶନ କରିଥିଲେ। ସ୍ୱର୍ଗତ ରାଜେନ୍ଦ୍ର ଦଳେଇ ଗତବର୍ଷ ମାଲୁଦ ପଞ୍ଚୁଦୋଳ ପଡ଼ିଆ ରେ ଦକ୍ଷିଣ କବାଟ ପାଇକ ମହୋତ୍ସବରେ ପାଇକ ପ୍ରଦର୍ଶନ କରୁଥିବା ବେଳେ ଟଳି ପଡ଼ିଥିଲେ। ତାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇ ଯାଇଛି। ଏହି ଉତ୍ସବରେ ବିଭିନ୍ନ ଗ୍ରାମରୁ ବହୁ ଶିକ୍ଷାବିତ ଯୋଗଦେଇ ସ୍ୱର୍ଗତ ଦଳେଇଙ୍କ ସ୍ମୃତିଚାରଣ କରିଥିଲେ।

## ସମାଜସେବୀ ସୁରେନ୍ଦ୍ର କରଙ୍କ ସ୍ମୃତି ଚାରଣ



**ଚାରିଛକ, ୧୬।୩(ସମିସ):** ଚାରିଛକ ନିକଟସ୍ଥ ଭାଣପୁର ଗ୍ରାମର ଠାକୁର ପୂଜକ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ସୁରେନ୍ଦ୍ର ନାଥ କରଙ୍କ ଦ୍ୱାଦଶ ଦିବସ ଅବସରରେ ଗ୍ରାମ ଠାକୁରାଣୀ ମା' ହରଚଣ୍ଡୀଙ୍କ ପୀଠ ପରିସରରେ ବଡପୁଅ ପ୍ରଦୀପ୍ତ କୁମାର କରଙ୍କ ଦ୍ୱାରା ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚାରିଛକ ବରିଷ୍ଠ ନାଗରୀକ ମଞ୍ଚର ସଭାପତି ଶିକ୍ଷାବିତ ପ୍ରଫେସର ଗୋପୀନାଥ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଶିକ୍ଷାବିତ୍ ପୂର୍ବତନ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲି, ନୀରଞ୍ଜନ କର, କୈଳାଶଚନ୍ଦ୍ର ତ୍ରିପାଠୀ, ପ୍ରସନ୍ନ କର, ବରିଷ୍ଠ ନାଗରୀକ ମଞ୍ଚର ସମ୍ପାଦକ କାହ୍ନୁଚରଣ ବେହେରା, ଚାରିଛକ ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ସମାଜସେବୀ ବନ ବିହାରୀ ଦାଶ, ଗଙ୍ଗାଧର କର, ବ୍ରଜବନ୍ଧୁ କର, ବିଷ୍ଣୁଚରଣ କର, ହୃଦାନନ୍ଦ କର, ରତ୍ନାକର କର, କୈଳାଶ ଚନ୍ଦ୍ର ଦାଶ, ଜଗନ୍ନାଥ କର, ତପନ କୁମାର କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କ ସ୍ମୃତିଚାରଣ କରିଥିଲେ। ପରିଶେଷରେ ଗ୍ରାମ୍ୟକମିଟିର ସଭାପତି ଶିକ୍ଷକନେତା ତ୍ରିଲୋଚନ କର ଧନ୍ୟବାଦ ଅର୍ପଣପରେ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା।

## ରାମ ଚରିତ ମାନସ ଓ ନବାହ୍ନ ପାରାୟଣ



**ନିମାପଡ଼ା, ୧୬।୩ (ସମିସ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ଖେଲାର ହରିଶପୁର ମେଳଣ ପଡ଼ିଆସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରାମ ଚରିତ ମାନସ, ନବାହ୍ନ ପାରାୟଣ ଓ ସାମ୍ବତ୍ସରିକ ମହୋତ୍ସବ ଆୟୋଜିତ ହୋଇଛି। ୯ଦଶନ ବ୍ୟାପି ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଧିବାସ, ତୀର୍ଥବାହାନ, କଳସ ଯାତ୍ରା, ସୂର୍ଯ୍ୟପୂଜା, ବିଷ୍ଣୁ ସହସ୍ରନାମ, ରାମଚରିତ ମାନସ, ହନୁମାନ ଚାଳିସା, ପ୍ରବଚନ ଆଦି ଅନୁଷ୍ଠିତ ହେଉଛି। ବହୁ ସାଧୁସନ୍ଥ ଉପସ୍ଥିତ ରହି ପ୍ରବଚନ ଦେଉଛନ୍ତି। ଆଚାର୍ଯ୍ୟ ଦେବରାଜ ମହାପାତ୍ର ଓ ସୌମ୍ୟରଞ୍ଜନ ଦାଶ, ହରିଶପୁର ଗ୍ରାମବାସୀ ଓ ଖେଲାର ବ୍ୟବସାୟୀ ସଂଘର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

### ଯୁକ୍ତ ୨ କଳା ଏକ୍ସ-ରେଗୁଲାର ପ୍ରଶ୍ନପତ୍ରରେ ତ୍ରୁଟି

# ପରୀକ୍ଷାର୍ଥୀ ଅସନ୍ତୋଷ; ଗ୍ରେସ୍ ମାର୍କ ଦାବି

**କୋଣାର୍କ, ୧୬ ।୩(ସମିସ)**

୧୫ତାରିଖ +୨ କଳା ଏକ୍ସ-ରେଗୁଲାର ପରୀକ୍ଷା ଶେଷ ହୋଇଛି। ତେବେ ଇଂରାଜୀ, ଅର୍ଥନୀତି ଓ ଓଡ଼ିଆ ସମେତ ଆଉ କେତେକ ବିଷୟରେ ପଡ଼ିଥିବା ପ୍ରଶ୍ନପତ୍ର ଶୃଙ୍ଖଳାରେ ତ୍ରୁଟି ରହିଥିବାରୁ ପରୀକ୍ଷାର୍ଥୀମାନେ ଶତପ୍ରତିଶତ ସନ୍ତୋଷଜନକ ଉତ୍ତର ଦେଇପାରିନଥିବା ଅଭିଯୋଗ କରିଛନ୍ତି। ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ପ୍ରଶ୍ନପତ୍ରରେ ୧୦୦ନମ୍ବରରୁ ୫୦ ମାର୍କ ନିର୍ଦ୍ଦିଷ୍ଟ ଉତ୍ତରମୂଳକ(୧ମାର୍କ ବିଶିଷ୍ଟ) ୫୦ଟି ପ୍ରଶ୍ନ ରହିଥିବା ବେଳେ ଏକ୍ସ-ରେଗୁଲାର ଇଂରାଜୀ ପ୍ରଶ୍ନପତ୍ରରେ ୩୦ମାର୍କ, ଅର୍ଥନୀତିରେ ୨୦ମାର୍କ ଓ ଓଡ଼ିଆରେ ୧୫ମାର୍କ ନିର୍ଦ୍ଦିଷ୍ଟ ଉତ୍ତରମୂଳକ ୧ମାର୍କ ବିଶିଷ୍ଟ ପ୍ରଶ୍ନ ପଡ଼ିଥିଲା। ପ୍ରଶ୍ନପତ୍ର ପାଟର୍ନକୁ ଆଧାର କରି ପରୀକ୍ଷାର୍ଥୀମାନେ ନିଜକୁ ପ୍ରସ୍ତୁତ କରି ପରୀକ୍ଷାରେ ବସିଥିଲେ। ତେବେ ପ୍ରଶ୍ନପତ୍ର ଶୃଙ୍ଖଳାରେ ତ୍ରୁଟି ଯୋଗୁଁ ପରୀକ୍ଷାର୍ଥୀମାନେ ଉତ୍ତର ଲେଖିବାରେ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ଏକ୍ସ-ରେଗୁଲାର ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭିତ୍ତିଭୂମିକୁ ଦୃଷ୍ଟିରୁ ସେମାନଙ୍କର ସଫଳତା ପାଇଁ ଗ୍ରେସ୍ ମାର୍କ ବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅ?ତାର ମିଶ୍ରଙ୍କୁ ଏହି ସମସ୍ୟା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ, ଏକ୍ସ-ରେଗୁଲାର ପ୍ରଶ୍ନପତ୍ରରେ ରହିଥିବା ଅସଙ୍ଗତି ସମ୍ପର୍କରେ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି।



୧୬/୩/୨୦୨୪ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୨,୭୮,୮୬୩/- ସୁନା: ୦୦.୯୫୦ ଗ୍ରାମ୍ ରୁପା: ୦୦.୬୬୦ ଗ୍ରାମ୍







# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଉପରେ ଆଲୋଚନା

**ପୁରୀ, ୩।୮ (ସମିସ):** ପୁରୀ ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ରକୁ ସାକ୍ଷୀଗୋପାଳ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସବିତା ପ୍ରଧାନ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସ୍ୱନାମଧନ୍ୟ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଓ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନର ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ. ମନୋରଞ୍ଜନ ପ୍ରଧାନ ଯୋଗଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡ. ନିବେଦିତା ମିଶ୍ର ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ମୁଖ୍ୟ ପ୍ରମୋଦ କୁମାର ଷଡ଼ଙ୍ଗୀ । ଏହି ଆଲୋଚନାଚକ୍ରରେ ଓଡ଼ିଆ ସାହିତ୍ୟର ସ୍ୱାଧୀନତା ପରବର୍ତ୍ତୀ ବିଭିନ୍ନ ବିଭାଗ ଯଥା ଗଳ୍ପ, ଉପନ୍ୟାସ, ନାଟକ, କବିତା, ପ୍ରବନ୍ଧ, ସମାଲୋଚନା, ଅନୁବାଦ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଅନେକ ଉପାଦେୟ ତଥ୍ୟ ଓ ନିଷ୍କର୍ଷ ଉପସ୍ଥାପନା କରାଯାଇଥିଲା । ଅନେକ ନିମନ୍ତ୍ରିତ ମହାବିଦ୍ୟାଳୟର ଗବେଷକ, ଅଧ୍ୟାପକ ଅଧ୍ୟାପିକା, ଶିକ୍ଷାର୍ଥୀ ଏଥିରେ ଉପସ୍ଥିତ ରହି ନିଜର ନିବନ୍ଧ ଉପସ୍ଥାପନ କରିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ପରିଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭାଗର ଅଧ୍ୟାପିକା ସୁକାନ୍ତି ମହାନ୍ତି, ରଶ୍ମିରେଖା ବିଶ୍ୱାଳ, ରଶ୍ମି ବେହେରା, ପ୍ରଜ୍ଞା ପ୍ରିୟଦର୍ଶିନୀ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅଧ୍ୟାପକ ଡ. ରୁଦ୍ରପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କାର୍ଯ୍ୟକ୍ଷମ ହେଉନି କୃଷକ ବଜାର

**ପୁରୀ, ୧୬।୩(ସମିସ)**

ଏକ ମହତ ଉଦ୍ଦେଶ୍ୟ ରଖି ଶ୍ରୀକ୍ଷେତ୍ର କୃଷକ ବଜାରର ପରିକଳ୍ପନା କରାଯାଇଥିଲା । ତାହା ହେଉଛି ଗୋଟିଏ ଜାଗାରେ ବଡ଼ ବଡ଼ ବ୍ୟବସାୟୀ ଏକାଠି ବସିବେ । ଫଳରେ ସହର ଭିତର ଗହଳି ମୁକ୍ତ ହେବ । ଭକ୍ତ, ପର୍ଯ୍ୟଟକଙ୍କ ଯିବାଆସିବା ସମୟରେ ଟ୍ରାଫିକ ସମସ୍ୟା ବି ହେବନି । ଜନସାଧାରଣ ବି ଗୋଟିଏ ଜାଗାରୁ ଅଧିକାଂଶ ସାମଗ୍ରୀ ପାଇପାରିବେ । ଏହି ଦୂରଦୃଷ୍ଟି ରଖି ଶ୍ରୀକ୍ଷେତ୍ର କୃଷକ ବଜାରର ପରିକଳ୍ପନା କରାଯାଇଥିଲା । ହେଲେ ଭିତ୍ତିପ୍ରସ୍ତର ଦିଆଯିବାର ୬ ବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି, କିନ୍ତୁ କୃଷକ ବଜାର ଭାଗ୍ୟ ଫିଟୁନାହିଁ । ଫଳରେ ଏହା ପରିସରରେ ଅସାମାଜିକ ଯୁବକମାନେ ଆଡ୍ଡା ଜମାଉଛନ୍ତି । ବିଭିନ୍ନ ନିର୍ମାଣ ବି ନଷ୍ଟ ହେବାକୁ ବସିଲାଣି ।

ପୁରୀକୁ ପ୍ରତ୍ୟହ ଦେଶ ବିଦେଶର ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି । ଦିନକୁ ଦିନ ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିବା ବେଳେ ସହରରେ ଗାଡ଼ିମୋଟର ସଂଖ୍ୟା ବି ବଢୁଛି । ଫଳରେ ବଡ଼ ବଡ଼ ଗୋଦାମକୁ ସାମଗ୍ରୀ ଆଣୁଥିବା ଗାଡ଼ି ଅନେକ ସମୟରେ ସହର ମଧ୍ୟକୁ ପ୍ରବେଶ କରିବାରେ ସମସ୍ୟା ହେଉଛି । ତେଣୁ ଏହାର ସମାଧାନ ପାଇଁ ଶ୍ରୀକ୍ଷେତ୍ର କୃଷକ ବଜାର ନିର୍ମାଣ ଲାଗି ନିଷ୍ପତ୍ତି ହୋଇଥିଲା । ମଙ୍ଗଳାଘାଟ ନିକଟ ସମଙ୍ଗଠାରେ ୨୦୧୭ ନଭେମ୍ବର ୪ ତାରିଖରେ କୃଷକ ବଜାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ୪କୋଟି ଟଙ୍କା ବ୍ୟୟରେ ୨୨ଟି ଗୋଦାମ ଗୃହ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା । ପରବର୍ତ୍ତୀ ସମୟରେ ଅଧିକ ଅନୁଦାନ ମଞ୍ଜୁର ଗୋଦାମ ଘର ସଂଖ୍ୟା ବଢ଼ାଯିବାକୁ ସ୍ଥିର ହୋଇଥିଲା । କାମ ଆରମ୍ଭ ପରେ ଖୁବ୍‌ଶୀଘ୍ର ଏହା ନିର୍ମାଣ ହୋଇଯିବ ବୋଲି ସହରବାସୀ ଭାବିଥିଲେ । ଭିତ୍ତିପ୍ରସ୍ତର ଉତ୍ସବରେ ଯୋଗଦେଇଥିବା ଅତିଥିମାନେ କହିଥିଲେ, ଏହା ପୁରୀ ବ୍ୟବସାୟର ପେଣ୍ଠସ୍ଥଳ ହେବ । ଏହା ପୂର୍ଣ୍ଣାଙ୍ଗ ହେଲେ ବ୍ୟବସାୟୀମାନେ ଉପକୃତ ହେବେ । ବିଭିନ୍ନ ପ୍ରକାର ସାମଗ୍ରୀ ଆଣି ଆସୁଥିବା ବଡ଼ ବଡ଼ ଗାଡ଼ିଗୁଡ଼ିକୁ ଆଉ ସହର ଭିତରେ ପଶିବାକୁ ପଡ଼ିବନି କି ଏଥିପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବନି । ହେଲେ ଅନୁଦାନ ଏବଂ ଜମି ବିବାଦକୁ ନେଇ ନିର୍ମାଣ କାମ ଆରମ୍ଭରୁ ବିଳମ୍ବ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଦୋକାନ ଘର ନିର୍ମାଣ ହେବାକୁ ଥିବା ଜମି ଜବରଦଖଲରେ ଥିଲା । ତେଣୁ ଏହି ପ୍ରକଳ୍ପକୁ ନେଇ ସହରବାସୀ ସନ୍ଦେହରେ ପଡ଼ିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସବୁ ସମସ୍ୟାର ସମାଧାନ ହୋଇ କାମ ତ୍ୱରାନ୍ୱିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୨ଟି ଗୋଦାମ ଘର ତିଆରି ହେବା ସହ ରଙ୍ଗ କାମ ବି ଶେଷ ହୋଇଥିଲା । ପୁନଶ୍ଚ ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନ ଆସି କାମ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ଅନୁଦାନରେ ପେଭର ବ୍ଲକ ପକାଇବା ପାଇଁ ନ ଥିଲା । ଅନ୍ୟପକ୍ଷରେ ପେଭର ନ ପଡ଼ିଲେ ଟ୍ରକ୍ ପଶିପାରିବ ନାହିଁ । ତେଣୁ ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନରେ ପେଭର ବ୍ଲକ ଏବଂ ପାଚେରି ନିର୍ମାଣ ଲାଗି ବ୍ୟୟ ବରାଦ ହୋଇ କାମ ହୋଇଛି । ହେଲେ ଆଉ କିଛି କାମ ରହିଥିବାରୁ ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ । ସହର ଉପକଣ୍ଠରେ ଏହି ଆଧୁନିକ କୃଷକ ବଜାର କେବେ ପୂର୍ଣ୍ଣାଙ୍ଗ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପୁରୀ-ଭୁବନେଶ୍ୱର ବାଇପାସ୍ ରାସ୍ତା ପାର୍ଶ୍ୱରେ ଏହି ବଜାର ତିଆରି କରାଯାଉଛି । ତେବେ ଏହା ଅତ୍ୟନ୍ତ ଖାଲୁଆ ଅଞ୍ଚଳ ହୋଇଥିବା ବେଳେ ଏହାକୁ ଉଚ୍ଚା କରାଯାଇ ନାହିଁ । ଏହା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଥିବାରୁ ଧୀରେ ଧୀରେ ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମିବାରେ ଲାଗିଛି । ସହର ବାହାରେ ଏହା ରହିଥିବାରୁ ନିଶାଖୋରମାନେ ପୁଲିସ ଏବଂ ଜନସାଧାରଣଙ୍କ ନଜରରୁ ଦୂରେଇ ରହିବା ପାଇଁ ଏହା ପରିସରକୁ ଯାଇ ନିଶା ଖାଉଥିବା ଅଭିଯୋଗ ହେଉଛି । ସେହିପରି ଅବ୍ୟବହୃତ ଯୋଗୁ କେତେକ ନିର୍ମାଣ ନଷ୍ଟ ହେବାକୁ ଲାଗିଲାଣି ।



ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

# ବାଇକ୍ ୱାର୍କସପ୍ ଉପରକୁ ବୋମାମାଡ଼; ଜଣେ ଗିରଫ

**ପୁରୀ, ୧୫।୩(ବ୍ୟୁରୋ):** ପେଣ୍ଠକଟା ମେରାଇନ୍ ଥାନା ଅନ୍ତର୍ଗତ ପୁରୀ-କୋଣାର୍କ ବେଳାମାର୍ଗ କଡ଼ରେ ଥିବା ହାଇଟେକ୍ ବାଇକ୍ ୱାର୍କସପ୍ ଉପରକୁ ଶୁକ୍ରବାର ରାତିରେ ବୋମାମାଡ଼ ହୋଇଥିଲା । ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଗୋପାଳପୁରର ହରିଶ୍ଚନ୍ଦ୍ର ଦାସ ଓରଫ୍ କାହ୍ନାକୁ ଗିରଫ କରିଛି । ପୁଲିସ ସୂଚନା ଅନୁଯାୟୀ, ସୁଭଦ୍ରା ନଗରର ସୁବ୍ରତ ଦିକ୍ଷୀତଙ୍କର ଏହି ବାଇକ୍ ୱାର୍କସପ୍ କାହ୍ନାର ଜଣେ ସମ୍ପର୍କୀୟ ଗାଡ଼ି ମରାମତି କରିଥିଲେ । ବାକି ଥିବା ଟଙ୍କା ମାଗିବାରୁ କାହ୍ନା ସୁବ୍ରତଙ୍କ ସହିତ ପାଟିତୁଣ୍ଡ କରିଥିଲା । ଟଙ୍କା ଦେଇଥିଲେ ମଧ୍ୟ ରାଗ ରଖି ଶୁକ୍ରବାର ରାତି ପ୍ରାୟ ସାଢେ ୯ଟା ସମୟରେ ୩ଟି ହାତ ତିଆରି ବୋମା ମାଡ଼ କରିଥିଲା । ତେବେ ଦୁଇଟି ବୋମା ଫୁଟିଥିବା ବେଳେ ଏଥିରେ ୱାର୍କସପ୍‌ର ଦୁଇ କର୍ମଚାରୀ ଅଭିଜିତ ଚିନ୍ନରା ଓ ଗୁନା ନାୟକ ଆହତ ହୋଇଥିଲେ । ସେମାନଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଉଭୟେ ସୁସ୍ଥ ହୋଇ ଫେରିଛନ୍ତି । ତେବେ ଏ ନେଇ ସୁବ୍ରତ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୧୬/୨୪) ରୁଜୁ କରି କାହ୍ନାକୁ ଗିରଫ କରିଛି । ଅନ୍ୟଜଣେ ଅଭିଯୁକ୍ତ ଫେରାର୍ ଅଛି । ପୁଲିସ ଗୋଟିଏ ବୋମା ଜବତ କରି ଏହାକୁ ନଷ୍ଟ କରିଥିବା ବେଳେ ବାଇକ୍ ଜବତ କରିଛି ।

## ଘୋଷଣା ହେଲା ନିର୍ବାଚନ ତାରିଖ

# ପୁରୀରେ ସୁରକ୍ଷା ବଳଙ୍କ ଫ୍ଲାଗ୍‌ମାର୍ଚ୍ଚ

**ପୁରୀ, ୧୬।୩(ସମିସ)**



ପୁରୀ ସହରରେ ଶନିବାର ସୁରକ୍ଷା ବଳ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ପିନାକ ମିଶ୍ରଙ୍କ ନେତୃତ୍ୱରେ ପୁଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ସିଂହଦ୍ୱାରଠାରୁ ବାହାରି ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱ ଓ ବଡ଼ଦାଣ୍ଡ ଦେଇ ଶରଧାବାଲି ପର୍ଯ୍ୟନ୍ତ ଯାଇଥିଲେ । ନିର୍ବାଚନ ଅବ୍ୟବହିତ ପୂର୍ବରୁ ଶୃଙ୍ଖଳା ରକ୍ଷା ସହ ଲୋକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ଏହି ଫ୍ଲାଗ୍‌ମାର୍ଚ୍ଚର ଉଦ୍ଦେଶ୍ୟ । ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ସଶସ୍ତ୍ର ବାହିନୀ ଓ ପୁଲିସ ମିଳିତ ଭାବେ ଫ୍ଲାଗ ମାର୍ଚ୍ଚ କରିବାର କାର୍ଯ୍ୟକ୍ରମ ରହିଛି । ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ନିର୍ଭୀକ ଭାବେ ପରିଚାଳନା କରିବା ପ୍ରଶାସନର ଲକ୍ଷ୍ୟ । ଏଥିପାଇଁ ସମସ୍ତ ଉଦ୍ୟମ କରାଯାଉଛି । ତେଣୁ ସମସ୍ତ ଭୋଟର ସେମାନଙ୍କ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବିବେକାନୁମୋଦିତ ଭାବେ ସାବ୍ୟସ୍ତ କରିବାକୁ ଜିଲ୍ଲାପାଳ ଓ ଏସ୍‌ପି ଅନୁରୋଧ କରିଛନ୍ତି । ଏହି ଫ୍ଲାଗ ମାର୍ଚ୍ଚରେ ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ ।

# ୨୧ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୩ ଗିରଫ

**ପୁରୀ, ୧୬।୩(ସମିସ):** ବେଆଇନ ନିଶା କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ଲାଗି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି । ଏହି କ୍ରମରେ ଦୁଇଟି ଥାନା ବାସେଳିସାହି ଏବଂ ସମୁଦ୍ରକୂଳ ପୁଲିସ ୨୧ ଗ୍ରାମ୍ ବ୍ରାଉନସୁଗର ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରିଛି । ସମୁଦ୍ରକୂଳ ପୁଲିସ ଗିରଫ କରିଥିବା ଦୁଇ ଅଭିଯୁକ୍ତ ହେଲେ ଗୋପ ଥାନା ଅନ୍ତର୍ଗତ ଗିରିମା ଗ୍ରାମର ବସନ୍ତ କୁମାର ଜେନା (୩୦) ଏବଂ ଭିଆଇପି ରୋଡ ବୈଷ୍ଣୋଦେବୀ ଲେନ୍‌ର ସୁନୀଲ ସାହୁ (୩୫) । ଏମାନେ ଗୋରାକବର ଲେନ୍ ପଛପାର୍ଶ୍ୱରେ ବ୍ରାଉନସୁଗାର ବିକ୍ରି କରୁଥିବା ପୁଲିସ ଖବର ପାଇ ଚଢାଉ କରି ୨ ଜଣଙ୍କୁ କାବୁ କରିଥିଲା । ସେମାନଙ୍କଠାରୁ ୧୦ ଗ୍ରାମ୍ ୩୫ ମିଲିଗ୍ରାମ୍ ଧଳାଜହର, ୨ଟି ମୋବାଇଲ ଫୋନ ଏବଂ ଗୋଟିଏ ହୋଣ୍ଡା ଆକ୍ଟିଭା ଜବତ କରିଥିଲା ପୁଲିସ । ଏ ନେଇ ଥାନାରେ ଏକ ମାମଲା (ନଂ.୬୬/୨୪) ରୁଜୁ କରାଯାଇ ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି । ସେହିପରି ବାସେଳିସାହି ପୁଲିସ ଶୁକ୍ରବାର ଜଗନ୍ନାଥବସ୍ତିର ପଞ୍ଚାନନ ବେହେରା (୨୫) କୁ କାବୁ କରିଥିବା ବେଳେ ତା'ଠାରୁ ୧୧ ଗ୍ରାମ୍ ୧୦ ମିଲିଗ୍ରାମ୍ ବ୍ରଉନସୁଗାର, ୪, ୨୬୦ ଟଙ୍କା ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି । ତା' ବିରୋଧରେ ଏକ ମାମଲା (ନଂ.୬୦/୨୪) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି । ତେବେ ଅଭିଯୁକ୍ତ ପଞ୍ଚାନନ ନାଁରେ ପୂର୍ବରୁ ବାସେଳିସାହି ଥାନାରେ ୮ଟି ଏବଂ ବ୍ରହ୍ମଗିରି ଥାନାରେ ଗୋଟିଏ ମାମଲା ରହିଥିବା ପୁଲିସ କହିଛି ।

# ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ ନେଇ ଉଦ୍‌ବେଗ

**ପୁରୀ, ୧୬।୩(ସମିସ):** ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜରଙ୍କ ଅଂଶଗ୍ରହଣରେ ବାଲ୍ୟ ବିବାହ ନିଷେଧ ତାଲିମ ତଥା ଅଙ୍ଗନବାଡି ଗୃହ ନିର୍ମାଣ, ପ୍ରଗତି ଓ ଶିଶୁମାନଙ୍କ ଅନ୍ୟାନ୍ୟ ସମସ୍ୟା ବିଷୟରେ ସମ୍ବନ୍ଧରେ ସମୀକ୍ଷା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ । ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ ଓ ଶିଶୁ ପାଇଁ ଦିନଟିଏ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଜିଲ୍ଲାରେ ଥିବା ଅଙ୍ଗନବାଡି ଗୁଡିକର ନିର୍ମାଣ ଅଗ୍ରଗତି ନେଇ ରିପୋର୍ଟ ଦେଇଥିଲେ ସମସ୍ତ ସିଡିପିଓ । ୩୦୦ରୁ ଊର୍ଦ୍ଧ୍ୱ ଅଙ୍ଗନବାଡିର ନିଜସ୍ୱ ଜାଗା ଥିବାସ୍ଥଳେ ସେଠାରେ ଗୃହ ନିର୍ମାଣ ବିଳମ୍ବ ହେଉଥିବା ଓ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବିଦ୍ୟାଳୟରେ ସ୍ଥାନ ଚିହ୍ନଟ ସାରିଥିବା ବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହୋଇଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ ଅତିରିକ୍ତ ଜିଲ୍ଲାପାଳ ଓ ଶିଶୁ ମଙ୍ଗଳ ସମିତି ଅଧକ୍ଷ । ଏହାପରେ ୧୪୦ଟି ସ୍ଥାନରେ ଅଙ୍ଗନବାଡି ନିର୍ମାଣ କାର୍ଯ୍ୟ ବିବାଦୀୟ ହୋଇଥିବା ଉପରେ ବିଡ଼ିଓ, ତହସିଲଦାରଙ୍କ ସହଯୋଗରେ ବିବାଦ ସମାଧାନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ । ଏହାଛଡା ବାଲ୍ୟ ବିବାହ ନିଷେଧ ସଂକ୍ରାନ୍ତୀୟ ସମସ୍ତ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ । ଆକ୍ସନ ଏଡ୍‌ର ଡାଇରେକ୍ଟର ଘାସିରାମ ପଣ୍ଡା ବାଲ୍ୟ ବିବାହର କୁପରିଣାମ, ଆଇନ, ପୁଲିସ ସହିତ ସମନ୍ୱୟ ରଖି କାମ କରିବା ଉପରେ ତାଲିମ ପ୍ରଦାନ କରିଥିଲେ । ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡ. ଅଜିତ କୁମାର ମହାପାତ୍ର ବାଲ୍ୟ ବିବାହ ରୋକିବାକୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ଉପରେ ପ୍ରାଧାନ୍ୟ ଦେଇଥିଲେ । ଏହାବ୍ୟତୀତ ଜାତୀୟ ଶିଶୁ ଅଧିକାର କମିଶନଙ୍କ ପ୍ରଦତ୍ତ ଯୁଗ୍ମ କାର୍ଯ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥଙ୍କ ସମେତ ମୋଟ ୬୦ରୁ ଊର୍ଦ୍ଧ୍ୱ ଅଧିକାରୀ ଉପସ୍ଥିତ ଥିଲେ । ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ରୋଜାଲିନ ପାତ୍ର, ଅକ୍ଷୟ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଶିଶୁ ପାଇଁ ଦିନଟିଏ ଓ ବାଲ୍ୟ ବିବାହ ନିଷେଧ ତାଲିମ କାର୍ଯ୍ୟକ୍ରମ

# ଓଡ଼ିଶା-ପଶ୍ଚିମବଙ୍ଗ ବନ୍ଧୁତ୍ୱପୂର୍ଣ୍ଣ ଖୋ ଖୋ ମ୍ୟାଚ୍



**ପୁରୀ, ୧୬।୩(ସମିସ):** ତାଳବଣିଆ ଷ୍ଟାଡିୟମରେ ଶନିବାର ଓଡ଼ିଶା ପୁରୁଷ ଓ ମହିଳା ଖୋ ଖୋ ଦଳ ସହ ପଶ୍ଚିମବଙ୍ଗ ଖୋ ଖୋ ଦଳର ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡା ଅନୁଷ୍ଠିତ ହୋଇଥିଲା । ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ରବିବାର ମଧ୍ୟ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କୋଚ୍ ସଞ୍ଜୀବ ଶର୍ମା, ଆକାଶ ରଣା ପ୍ରମୁଖ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ । ଏହି ମ୍ୟାଚ୍ ମଧ୍ୟରୁ ଶ୍ରେଷ୍ଠ କ୍ରୀଡାବିତଙ୍କୁ ଚିହ୍ନଟ କରାଯିବ । ଚଳିତ ମାସ ୨୮ରୁ ଅପ୍ରେଲ ୧ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହେବାରୁ ଥିବା ସିନିୟର ଜାତୀୟ ଖୋଖୋ କ୍ରୀଡା ପ୍ରତିଯୋଗିତା ପୂର୍ବରୁ ଏହି ମ୍ୟାଚ୍‌ଆମ ଖୋ ଖୋ ଖେଳାଳୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୋଚ୍ ଶ୍ରୀ ଶର୍ମା ଆଶା ପ୍ରକାଶ କରିଛନ୍ତି ।

## ନିର୍ମାଣାଧୀନ ଘରୁ ଚୋରି, ୨ ଗିରଫ

# ଚୋରି ସାମଗ୍ରୀ ଜବତକଲା ପୁଲିସ

**ପୁରୀ, ୧୬।୩(ସମିସ):** ନିର୍ମାଣାଧୀନ ଘର ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ପେଣ୍ଠକଟା ମେରାଇନ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଗୋପାଳପୁରର ଦିଲ୍ଲୀପ କୁମାର ସାମଲ ଏବଂ ସମଙ୍ଗରା ନୂଆସାହିର କାହ୍ନା ପ୍ରଧାନ । ଅଭିଯୋଗ ଅନୁଯାୟୀ, ସମଙ୍ଗରା ନୂଆସାହି କାଜୁ ଫ୍ୟାକ୍ଟ୍ରି ନିକଟରେ ତଳମାଳ ସାହିର ସବ୍ୟସାଚୀ ପଟ୍ଟନାୟକଙ୍କ ନୂଆ ଘର ନିର୍ମାଣ ଚାଲିଛି । ହେଲେ ଗତ ଶୁକ୍ରବାର ସକାଳ ୬ଟାରେ ତାଙ୍କ ଘର ତାଲା ଭାଙ୍ଗି ୧୪ ପ୍ୟାକେଟ୍ ଟାଇଲ ଏବଂ ଗୋଟିଏ ହ୍ୟାଣ୍ଡ ପମ୍ପ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏ ନେଇ ସେ ପେଣ୍ଠକଟା ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଆଧାର କରି ଏକ ମାମଲା (ନଂ.୧୫/୨୪) ରୁଜୁ କରି ତଦନ୍ତ ଚଳାଇଥିଲା । ତେବେ ଏହି ତଦନ୍ତ ବେଳେ ପୁଲିସ ଏଥିରେ ୩ ଜଣ ସମ୍ପୃକ୍ତ ଥିବା ସୁରାକ୍ ପାଇଥିଲା । ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ସମେତ ଗୋପାଳପୁରର ଦୁଃଶା ଜେନା ଏଥିରେ ସାମିଲ ଥିବା ସନ୍ଦେହ କରି ପୁଲିସ ଦିଲ୍ଲୀପଙ୍କୁ ଧରି ପଚରା ଉଚରା କରିବା ପରେ ସେ ସ୍ୱୀକାର କରିଥିଲା । ପୁଲିସ ଦିଲ୍ଲୀପ ଏବଂ କାହ୍ନାକୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୧୪ ପ୍ୟାକେଟ୍ ଟାଇଲ ଏବଂ ଗୋଟିଏ ହ୍ୟାଣ୍ଡପମ୍ପ ଜବତ କରିଛି । ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ।

# କ୍ରୀଡ଼ା ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ପୁରୀ, ୧୬।୩(ସମିସ):** ଶ୍ରୀନୀଳଚକ୍ର ସ୍ପୋର୍ଟ୍ସ କ୍ଲବ୍ ପକ୍ଷରୁ ହୋଟେଲ ନାୟକ ବିଚ୍ ରିସର୍ଟ ପରିସରରେ ଶନିବାର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ଛୁଆଳସିଂ, ପୂର୍ବତନ କ୍ରୀଡା ସମ୍ପାଦକ ରବିଶଙ୍କର ପ୍ରତିହାରୀ, ମୁଖ୍ୟ ସହଯୋଗୀ ଗିରିଶ ଚନ୍ଦ୍ର ନାୟକ, ଅନୁଷ୍ଠାନର ସଭାପତି ଆର. ଜଗନ୍ନାଥ ରେଡ୍ଡୀ ଏବଂ କୋଚ୍ ଜଗଲୁର ମହମ୍ମଦ ଯୋଗଦେଇଥିଲେ । ଏଥିରେ ପୁରୀ ସହରର ପିଲାମାନେ କିପରି ବିଭିନ୍ନ କ୍ରୀଡ଼ାରେ ଭଲ ପ୍ରଦର୍ଶନ କରିବେ, ସେମାନଙ୍କ ପାଇଁ କ୍ରୀଡ଼ା ଭିତ୍ତିଭୂମି ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଥିଲା । ଏହି ଅବସରରେ କୋଚ୍ ଜଗଲୁର୍ ମହମ୍ମଦଙ୍କୁ ଦ୍ରୋଣାଚାର୍ଯ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରେ ଫୁଟବଲ କ୍ରୀଡାବିତ୍ କାହ୍ନୁ ମଲ୍ଲିକ, ଆୟଶା ପ୍ରିୟଦର୍ଶିନୀ, ବି. ଶିବା, ତେଜସ ନାୟକ ଏବଂ ସନ୍ଦୀପ ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ପ୍ରଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା । ଶେଷରେ ଅନୁଷ୍ଠାନର ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ଶ୍ରୀକ୍ଷେତ୍ର ନାଟକ ମହୋତ୍ସବ ୨୦୨୪ ଉଦ୍‌ଘାଟିତ

# ପ୍ରଥମ ସନ୍ଧ୍ୟାରେ 'ମିଥ୍ୟାବାଦୀ' ଜିନ୍ଦାବାଦ୍ ମଞ୍ଚସ୍ଥ

**ପୁରୀ, ୧୬ ।୩(ସମିସ)**



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଶ୍ରୀକ୍ଷେତ୍ର ନାଟ୍ୟଶାଳା ପକ୍ଷରୁ ଆୟୋଜିତ ଶ୍ରୀକ୍ଷେତ୍ର ନାଟକ ମହୋତ୍ସବ ୨୦୨୪ର ପ୍ରଥମ ସନ୍ଧ୍ୟାର ନାଟକ ମିଥ୍ୟାବାଦି ଜିନ୍ଦାବାଦ୍ ମଞ୍ଚସ୍ଥ ହୋଇ ଯାଇଛି ।ନାଟକର ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ସବିତା ପ୍ରଧାନ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନାଟ୍ୟ ଏକାଡେମୀର ସଦସ୍ୟ ତଥା ବରିଷ୍ଠ ନିର୍ଦ୍ଦେଶକ ଲାଲା ବୀରେନ ରାୟ, ଓଡ଼ିଶା ନାଟ୍ୟ ସଂଘର ସମ୍ପାଦକ ଶୁଭକାନ୍ତ ପାଢ଼ୀ, ପ୍ରାକ୍ତନ ପୁରୀ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରୟାସ ଟିଭିର ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ସଙ୍ଗୀତ ନାଟକ ଏକାଡେମୀର ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା, ଅଭ୍ୟର୍ଥନା କମିଟିର ଅଧକ୍ଷ ଚକ୍ରଧର ମହାପାତ୍ର, କାନ୍ସାସ ପାରାଦୀପ ର ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ର ପ୍ରମୁଖ ଯୋଗଦାନ କରି ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଯୋଳନ ପୂର୍ବକ କାର୍ଯ୍ୟମକୁ ଉଦ୍‌ଘାଟନ କରିଥିଲେ ।ଏହାପରେ ନାଟକ ମିଥ୍ୟାବାଦି ଜିନ୍ଦାବାଦ୍ ମଞ୍ଚସ୍ଥ ହୋଇଥିଲା ଯେଉଁଥିରେ କଳିଯୁଗର ବିଜମନ୍ତ୍ର ହେଉଛି ମିଛ । ପଦେ ମିଛ କଥାରେ ଏତେ ଜୀବନ ଶକ୍ତି ଅଛି ଯେ, ଯାହା ମୃତକୁ ଜୀବନ୍ୟାସ ଦେଇପାରେ । ସତକଥା ସବୁବେଳେ କଷ୍ଟ ଦିଏ । ସତ ପ୍ରକାଶ କରିବା ସତରେ ଭାରି କଷ୍ଟ ଆପଣ ସତ କଥା କୁହନ୍ତୁ, ଲାଗିବ ନିଶ୍ୱାସ ଅଟକି ଯାଉଛି । ଅଥଚ ମିଛକଥା କୁହନ୍ତୁ, ଦେଖୁବେ ଭାରି ହାଲକା ଲାଗିବ । ମିଛ ହିଁ ଏ ଯୁଗର ଶକ୍ତି । ମଣିଷଙ୍କ ଭିତରେ ଯେଉଁ ଭଗବତ ସତ୍ତା ଅନ୍ତର୍ନିହିତ ତାହା ମିଛ, ଚୋରି, ଅପରାଧ ଏ ସବୁକୁ ପ୍ରଶୟ ଦିଏନି କିନ୍ତୁ ମଣିଷ ପ୍ରକୃତି ବଶତଃ ଏ ସବୁକୁ କରୁଥାଏ । ମଣିଷ ଯେ ପ୍ରବୃତିର ଦାସ ଏହା ଆମକୁ ସ୍ୱୀକାର କରିବାକୁ ପଡ଼ିବ । ସତ ଓ ମିଛ ର ସଂସାରରେ ସତ୍ୟ ହିଁ ଏକମାତ୍ର ଚିର ଜାଜ୍ଜ୍ୱଲ୍ୟ ଏବଂ ସର୍ବଗ୍ରହଣୀୟ । 'ମିଥ୍ୟାବାଦି ଜିନ୍ଦାବାଦ' ପରେଶଙ୍କ ରଚିତ ବୈଦ୍ୟୁତିକ ଶବଦାହ ଚୁଲାର ଉଦ୍‌ଘାଟନ ଗଳ୍ପର ନାଟ୍ୟରୂପ । ନାଟ୍ୟରୂପ ପ୍ରଦାନ ନିମନ୍ତେ ଚରିତ୍ର ସଂଖ୍ୟାନ କରାଯାଇଛି । ନାଟକର ଶେଷରେ ଅନୁଷ୍ଠାନର ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।

## ନୋତର-ଜେମାଦେଇପୁରପାଟଣାରେ ବାଇକ୍ ଶୋଭାଯାତ୍ରା

# 'ସ୍ୱାସ୍ଥ୍ୟକ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି ମୁଖ୍ୟମନ୍ତ୍ରୀ'



● ବିଧାୟକଙ୍କ ଦ୍ୱାରା ଦୁଇ ଡାକ୍ତରଖାନା ଉଦ୍‌ଘାଟିତ

ନୟାଗଡ଼, ୧୬।୩(ସମିସ):

ନୟାଗଡ଼ ବ୍ଲକ ନୋତର ଏବଂ ଜେମାଦେଇପୁରପାଟଣା ପଞ୍ଚାୟତରେ ବିଜେଡି ପକ୍ଷରୁ ବିଶାଳ ବାଇକ୍ ଶୋଭାଯାତ୍ରା କରାଯାଇଛି। ନୟାଗଡ଼ ବିଧାୟକ ଏହି ବାଇକ୍ ଶୋଭାଯାତ୍ରାର ନେତୃତ୍ୱ ନେବା ସହ ୨ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ନୋତର ଗ୍ରାମପଞ୍ଚାୟତ ଶଙ୍ଖେଇଠାରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଡ. ସାହୁ ସ୍ୱାସ୍ଥ୍ୟକ୍ଷେତ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରତିଟି ଜୀବନ ମୂଲ୍ୟବାନ। ଅର୍ଥ ଅଭାବରୁ କେହି ଉତ୍ତମ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବେ ନାହିଁ। ନବୀନ ସରକାରଙ୍କର ଏହା ହେଉଛି ଏକ ମାତ୍ର ଲକ୍ଷ୍ୟ। ସରକାରୀ ଓ ବେସରକାରୀ ମେଡିକାଲରେ ବିଏସ୍‌କେୱାଇ ଓ ନବୀନ କାର୍ଡ ପ୍ରଚଳନ କରାଯାଇଛି। ପ୍ରତ୍ୟେକ ମହିଳାଙ୍କ ପାଇଁ ମାଗଣା ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଥିବା ବେଳେ ପୁରୁଷମାନଙ୍କ ପାଇଁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି ବୋଲି ଡ. ସାହୁ ପ୍ରକାଶ କରିଥିଲେ। ଏହି ଅବସରରେ ଭୁତଡ଼ି ଛକଠାରୁ ବାଇକ୍ ଶୋଭାଯାତ୍ରା ବାହାରି ଡାକ୍ତରଖାନା ନିକଟରେ ପହଞ୍ଚିଥିଲା। ବହୁ ସଂଖ୍ୟକ କର୍ମୀ ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସ୍ଥାନୀୟ ସରପଞ୍ଚ ଦେବାଶିଷ ଦଳେଇ, ସମିତିସଭ୍ୟା ଗୋଲାପ ଦଳବେହେରା, ନୟାଗଡ଼ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଦୁର୍ଯ୍ୟୋଧନ ବେହେରା, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ସଂଖ୍ୟକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ସେହିଭଳି ଭାବେ ନୟାଗଡ଼ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପାଟଣା ଗ୍ରାମପଞ୍ଚାୟତ ନରସିଂହପ୍ରସାଦଠାରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ବିଧାୟକ ଉଦ୍‌ଘାଟନ କରିଛନ୍ତି। ରାଜପାଟଣା ଛକଠାରୁ ବାଇକ୍ ଶୋଭାଯାତ୍ରା ବାହାରି ନରସିଂହପ୍ରସାଦ ଡାକ୍ତରଖାନାଠାରେ ପହଞ୍ଚିଥିଲା। ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସରୋଜ ରଣସିଂ, ସ୍ଥାନୀୟ ସରପଞ୍ଚ ସଦାଶିବ ନାୟକ, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ, ସମାଜସେବୀ ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବହୁ ସଂଖ୍ୟକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

## ସଦରଥାନା ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ନୟାଗଡ଼, ୧୬।୩(ସମିସ): ନୟାଗଡ଼ ସଦରଥାନା ପୁଲିସ ଦ୍ୱାରା ଗ୍ରାମାଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ସଦରଥାନା ଅଧିକାରୀ ଅନୀତା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଫ୍ଲାଗ୍‌ମାର୍ଚ୍ଚରେ ସମସ୍ତ ପୁଲିସ କର୍ମଚାରୀ ସାମିଲ ରହିଛନ୍ତି। ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ, ବାଲୁଗାଁ ପ୍ରଭୃତି ଅଞ୍ଚଳରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ବେଳେ ଅପରାଧିକ କାର୍ଯ୍ୟକଳାପ ଉପରେ ପ୍ରଭାବ ବିସ୍ତାର କରିବା ମୁଖ୍ୟ ଲକ୍ଷ୍ୟ ବୋଲି ଜଣାପଡ଼ିଛି। ଆଗକୁ ନିର୍ବାଚନ ଥିବା ବେଳେ ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବା ଏବଂ ସାଧାରଣ ଲୋକଙ୍କୁ ଆଶ୍ୱାସନା ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି।

## କରବର ପ୍ରିମିୟର କ୍ରିକେଟ ଲିଗ୍ ଉଦ୍‌ଯାପିତ

ଭାପୁର, ୧୬।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କରବର ପଞ୍ଚାୟତ ଖେଳପଡ଼ିଆରେ ଚାଲିଥିବା କରବର ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଆଇପିଏଲ ଢାଞ୍ଚାରେ ଆୟୋଜିତ ଏହି ଲିଗ୍ ମ୍ୟାଚ୍ ଫେବୃଆରୀ ୨୫ ତାରିଖରୁ ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୧୫ ତାରିଖରେ ଉଦ୍‌ଯାପିତ ହୋଇଛି। ପଞ୍ଚାୟତର ମା' ମଙ୍ଗଳା କ୍ରିକେଟ କ୍ଲବ, ଷ୍ଟାର ୧୧, ଜୀବନଜ୍ୟୋତି କ୍ରିକେଟ କ୍ଲବ ଓ ରାଇଜିଙ୍ଗ ଷ୍ଟାର ଭଳି ଦଳମାନେ ଭାଗ ନେଇଥିଲେ। ଫାଇନାଲରେ ରାଇଜିଙ୍ଗ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ୱିକେଟ ହରାଇ ୧୩୩ ରନ୍ କରିଥିଲେ। ଏହାର ଜବାବରେ ଷ୍ଟାର ୧୧ ଦଳ ୧୧-୧ ଓଭରରେ ୭ ୱିକେଟ ହରାଇ ୧୩୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଚିନୁ ରାଉତ ମ୍ୟାନ୍ ଅଫ ଦି ଫାଇନାଲ ଓ ପ୍ରଦୀପ କୁମାର ରାଉତ ମ୍ୟାନ ଅଫ୍ ଦି ସିରିଜ ଭାବେ ବିବେଚିତ ହୋଇଥିଲେ। ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସମିତି ସଭ୍ୟ ତପନ କୁମାର ମହାପାତ୍ର, ପୂର୍ବତନ ସମିତି ସଭ୍ୟ କହ୍ନେଇ ସ୍ୱାଇଁ ଓ ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଶେଖର ପାଣି ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ୨୩୯୪ ହିତାଧିକାରୀ ପାଇଲେ 'ନବୀନ କାର୍ଡ'

ନୟାଗଡ଼, ୧୬।୩(ସମିସ): ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଆଜି 'ବିଏସ୍‌କେୱାଇ ନବୀନ କାର୍ଡ' ବଣ୍ଟନ କରାଯାଇଛି। ନୟାଗଡ଼ ବ୍ଲକ ପ୍ରତ୍ୟେକ ପଞ୍ଚାୟତର ୨୩୯୪ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଉପସ୍ଥିତ ରହି ଏହି କାର୍ଡ ବଣ୍ଟନ କରିଥିଲେ। ବିଜୁ ସ୍ୱାସ୍ଥ୍ୟ କାର୍ଡରୁ ଯେଉଁମାନେ ବଞ୍ଚିତ ହୋଇଥିଲେ ସେମାନଙ୍କୁ ଏହି 'ନବୀନ କାର୍ଡ' ବଣ୍ଟନ କରାଯାଇଛି। ଏହି କାର୍ଡ ମାଧ୍ୟମରେ ମହିଳାମାନେ ୧୦ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟ ସୁବିଧା ପାଇବେ। ଏଥି ସହିତ ପୁରୁଷମାନେ ୫ ଲକ୍ଷ ଟଙ୍କା ମାଗଣା ସ୍ୱାସ୍ଥ୍ୟ ସୁବିଧା ପାଇ ପାରିବେ। ସରକାରୀ ମେଡିକାଲଠାରୁ ଆରମ୍ଭ କରି ବେସରକାରୀ ଚିକିତ୍ସାଳୟରେ ମଧ୍ୟ ଏହି କାର୍ଡରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା କରିପାରିବେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସୁବାସ ଚନ୍ଦ୍ର କଅଁର, ଆଶିଷ ଅଗ୍ରୱାଲ, ଜିପିଇଓ ତୁଷାରକାନ୍ତ ରାଉତ, ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ସମସ୍ତ ପିଇଓ ଓ ଜିଆରଏସ ମାନେ ଉପସ୍ଥିତ ଥିଲେ।

## ବିଷମୁକ୍ତ ଖାଦ୍ୟଶସ୍ୟ ହାଟର ଶୁଭାରମ୍ଭ



ଓଡ଼ଗାଁ, ୧୬।୩(ସମିସ): ଓଡ଼ଗାଁ ବ୍ଲକ କୁରାଳ ପଞ୍ଚାୟତ ଚଣ୍ଡିଛକଠାରେ ଚାଲିଥିବା ସାପ୍ତାହିକ ହାଟରେ ବିଷମୁକ୍ତ ଖାଦ୍ୟଶସ୍ୟ ଓ ପନିପରିବା ବିକ୍ରିର ଶୁଭାରମ୍ଭ ହୋଇଯାଇଛି। କୁରାଳ ସରପଞ୍ଚ ବିଜନ ପାଇକରାୟଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟା, ସମାଜସେବୀ ପ୍ରଭାତ ପ୍ରଧାନ, ବିଭୁପ୍ରସାଦ ସାହୁ, ଆତ୍ମା ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଫାଉଣ୍ଡେସନ ଫର୍ ଇକୋ ଲୋଜିକାଲ ସିକ୍ୟୁରିଟି ବ୍ଲକ ସଂଯୋଜିକା ରଞ୍ଜୁଲତା ଖଟେଇ ଓ କୃଷିମିତ୍ରମାନଙ୍କ ଉଦ୍ୟମରେ କୁରାଳ ସରପଞ୍ଚଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା ସମ୍ଭବ ହୋଇପାରିଛି। ଏହାକୁ ଦୀର୍ଘସ୍ଥାୟୀ କରିବା ପାଇଁ ଗ୍ରାମପଞ୍ଚାୟତ ଓ ମହିଳା ମହାସଂଘ ଦାୟିତ୍ୱ ନେଇଥିବା ବେଳେ ଅଞ୍ଚଳବାସୀଙ୍କ ଦ୍ୱାରା ଏହା ପ୍ରଶଂସିତ ହୋଇପାରିଛି। କାର୍ଯ୍ୟକ୍ରମରେ କୃଷି ମିତ୍ର, କୃଷକ ସାଥୀ, ସିଆର୍‌ପି, ଏମ୍‌ବିକେ ଏବଂ ମହିଳା ମହାସଙ୍ଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ନିଖୋଜ ଲକ୍ଷ୍ମୀଧରଙ୍କ ମୃତଦେହ ଉଦ୍ଧାର

ଖଣ୍ଡପଡ଼ା, ୧୬।୩(ସମିସ): ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ପଞ୍ଚାୟତ କୋଟପୋଖରୀ ଗ୍ରାମର ବ୍ରାହ୍ମଣୀ ଦେଇ ମୁଣ୍ଡିଆ ଶିମିଳିଖୋଲ ନିକଟରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣକ ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତ ଅନ୍ତର୍ଗତ ଚାଉପଲ୍ଲୀ ଗ୍ରାମର ମହେଶ୍ୱର ସାହୁଙ୍କ ବଡ଼ ପୁଅ ଲକ୍ଷ୍ମୀଧର ସାହୁ। ବ୍ୟକ୍ତି ଜଣକ ମାନସିକ ରୋଗ ସମସ୍ୟା ଯୋଗୁଁ ଆତ୍ମହତ୍ୟା କରିଥିବା ନେଇ ପରିବାର ପକ୍ଷରୁ କୁହାଯାଇଛି। କିଛିଦିନ ତଳେ ଲକ୍ଷ୍ମୀଧରଙ୍କ ମାତୃ ବିୟୋଗ ହୋଇଥିବା ବେଳେ ଦଶାହ କାର୍ଯ୍ୟର ଦୁଇଦିନ ପରେ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏନେଇ ଗତ ମାର୍ଚ୍ଚ ୭ ତାରିଖରେ ପରିବାର ପକ୍ଷରୁ ସାନଭାଇ ପ୍ରହଲ୍ଲାଦ ସାହୁ ଖଣ୍ଡପଡ଼ା ଥାନାରେ ଲିଖିତ ଭାବେ ଜଣାଇଥିଲେ। ପରିବାର ଲୋକେ ଏବଂ ପୁଲିସ ପକ୍ଷରୁ ଖୋଜାଖୋଜି କରିଥିଲେ ମଧ୍ୟ ଲକ୍ଷ୍ମୀଧରଙ୍କର କୌଣସି ସନ୍ଧାନ ମିଳି ନଥିଲା। ଆଜି ସକାଳୁ ପରିବାର ଲୋକେ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ଦେଇ ମୁଣ୍ଡିଆକୁ ଯାଇ ଖୋଜାଖୋଜି କରୁଥିବା ସମୟରେ ଶିମିଳିଖୋଲଠାରେ ଏକ ଗଛରେ ଲକ୍ଷ୍ମୀଧରଙ୍କ ଝୁଲନ୍ତା ମୃତଦେହକୁ ଦେଖିବାକୁ ପାଇଥିଲେ। ଏନେଇ ପରିବାର ପକ୍ଷରୁ ସ୍ଥାନୀୟ ଖଣ୍ଡପଡ଼ା ପୁଲିସକୁ ଖବର ଦେବା ପରେ ପୁଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ପ୍ରାୟ ତିନିଦିନ ପୂର୍ବରୁ ମୃତଦେହ ହୋଇଥିବାରୁ ସ୍ଥିତିକୁ ଅନୁଧ୍ୟାନ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଅଭିସାର ପଣ୍ଡାଙ୍କୁ ଯୋଗାଯୋଗ କରିବା ପରେ ସେ ସେଠାରେ ପହଞ୍ଚି ପରୀକ୍ଷା ନିରୀକ୍ଷା କରି ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପୁଲିସ ପକ୍ଷରୁ ଲକ୍ଷ୍ମୀଧରଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ପରିବାର ଲୋକେ ଥାନାରେ କୌଣସି ଅଭିଯୋଗ କରି ନଥିବା ପୁଲିସ ପକ୍ଷରୁ କୁହାଯାଇଛି। ଲକ୍ଷ୍ମୀଧରଙ୍କ ଗୋଟିଏ ମାତ୍ର ପୁଅ ଥିବା ଜଣାପଡ଼ିଛି।

## ବାର୍ ଆସୋସିଏସନ୍ ନିର୍ବାଚନ : ଗୋବିନ୍ଦ ସଭାପତି, ବିଭୂତି ସମ୍ପାଦକ



ଓଡ଼ଗାଁ, ୧୬।୩(ସମିସ): ଓଡ଼ଗାଁ ବାର୍ ଆସୋସିଏସନ୍‌ର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଅମୂଲ୍ୟ ପ୍ରଧାନ ଉପସଭାପତି, ବିଭୂତି ରାଉତ ସମ୍ପାଦକ, ପ୍ରଭାତ ପୃଷ୍ଟି ଯୁଗ୍ମ ସମ୍ପାଦକ, ଦିବ୍ୟ ଜୀବନ ପାଣିଗ୍ରାହୀ ସହ ସମ୍ପାଦକ ଏବଂ ରାଧାମୋହନ ମହାପାତ୍ର କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ବାର୍ ଆସୋସିଏସନ୍ ଓଡ଼ଗାଁର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପରିପ୍ରେକ୍ଷୀରେ କର୍ମକର୍ତ୍ତା ନିମନ୍ତେ କୌଣସି ବାଦାନୁବାଦ ନଥିବା ଫଳରେ ନିର୍ବାଚନ ଅଧିକାରୀ ଆଇନଜୀବୀ ସୁବାସ ଚନ୍ଦ୍ର ପାତ୍ରଙ୍କର ସଭାପତିତ୍ୱରେ ୨୦୨୪-୨୫ ବର୍ଷ ପାଇଁ ଓଡ଼ଗାଁ ବାର୍ ଆସୋସିଏସନ ନିମନ୍ତେ ଅନୁଷ୍ଠିତ ସାଧାରଣ ବୈଠକରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଓଡ଼ଗାଁ ବାର୍ ଆସୋସିଏସନରେ ନିର୍ବାଚନ ନକରାଯାଇ ସର୍ବସମ୍ମତିକ୍ରମେ ସମସ୍ତ କର୍ମକର୍ତ୍ତା ଚୟନ କରାଯାଇଥିବାରୁ ଶୃଙ୍ଖଳିତ ବାର୍ ପାଇଁ ପ୍ରତି କ୍ଷେତ୍ରରୁ ପ୍ରଶଂସା କରାଯାଇଛି।

## ଓଡ଼ଗାଁ ବ୍ଲକରେ ୧୬୬୬ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

ଓଡ଼ଗାଁ, ୧୬।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକରେ ଶନିବାର ପ୍ରଥମ ଦଫାରେ ୧୬୬୬ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ପରବର୍ତ୍ତୀ ସମୟରେ ଆବେଦନ କରିଥିବା ସମସ୍ତ ହିତାଧିକାରୀ ଧାରାବାହିକ ଭାବେ ଏହି କାର୍ଡ ପାଇପାରିବେ। ଯେଉଁମାନଙ୍କର ରାସନ କାର୍ଡ ନଥିଲା ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ଏହି କାର୍ଡ ବଣ୍ଟନର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ବିଶେଷ କରି ନିମ୍ନ ମଧ୍ୟବିତ୍ତ ପରିବାରର ଲୋକମାନେ ଅଧିକ ଉପକୃତ ହୋଇପାରିବେ। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ରଙ୍ଗଣୀପାଟଣା ପଞ୍ଚାୟତର ରଙ୍ଗଣୀପାଟଣା ବଡ଼ସାହିଠାରେ ରୂପାନ୍ତରଣ ହୋଇଥିବା ରାଧାକାନ୍ତ ଯୁବକ ସଂଘ ଓ ଦୋଳବେଦୀର ଉଦ୍‌ଘାଟନ ଅବସରରେ ପଞ୍ଚାୟତର ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ସରପଞ୍ଚ ସସ୍ମିତା ପାତ୍ର, ସମିତି ସଭ୍ୟା ସସ୍ମିତା ଶୁକ୍ଳ, ସମାଜସେବୀ କୈଳାଶ ପାତ୍ର, ବୀରେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ।

## ସମୀକ୍ଷା ବୈଠକ ଓ ସିଆର୍‌ସିସିଙ୍କୁ ସମ୍ବର୍ଦ୍ଧନା



ରଣପୁର, ୧୬।୩(ସମିସ): ଶିକ୍ଷାର ଉନ୍ନତି ପାଇଁ ପ୍ରତ୍ୟକ୍ଷ କ୍ଲଷ୍ଟରରେ ଜଣେ ଜଣେ ସିଆର୍‌ସିସିଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ କଣ ସୁବିଧା ଅସୁବିଧା ରହିଛି ତାହାକୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ସମୀକ୍ଷା କରାଯାଇଥାଏ। ଏହି ସମୀକ୍ଷା ବୈଠକ ପ୍ରତି ଦୁଇ ମାସରେ ଥରେ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା ରାଜସୁନାଖଳାଠାରେ ଅବସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୁଇ ଦିନିଆ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୧୫ ତାରିଖ ଦିନ ଗଣିଆ, ଖଣ୍ଡପଡ଼ା, ଓଡଗାଁ, ନୂଆଗାଁ ବ୍ଲକର ସିଆରସିସିଙ୍କୁ ନେଇ ସମୀକ୍ଷା କରାଯାଇଥିଲା। ମାର୍ଚ୍ଚ ୧୬ ତାରିଖରେ ରଣପୁର, ନୟାଗଡ଼, ଦଶପଲ୍ଲା, ଭାପୁର ସିଆରସିସିଙ୍କୁ ନେଇ ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ବୈଠକ ନୟାଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ବିଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଶିକ୍ଷକ ମନୋରଞ୍ଜନ ଦାଶ, ବଟକୃଷ୍ଣ ସାହୁ, ଅନିନ୍ଦିତା ପ୍ରିୟଦର୍ଶିନୀ, ମାନସ କୁମାର ସାହୁ, ସନ୍ତୋଷ କୁମାର ମିଶ୍ର, ଦୀପକ କୁମାର ପ୍ରଧାନ ପ୍ରମୁଖ ଏହି ସମୀକ୍ଷା ବୈଠକରେ ବିଭିନ୍ନ ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ସିଆରସିସିଙ୍କ ସହିତ ଆଲୋଚନା କରିଥିଲେ। ଏହା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ନୟାଗଡ଼ ଜିଲ୍ଲାର ଉତ୍ତମ ସିଆର୍‌ସିସି ଭାବେ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ନୟାଗଡ଼ ବ୍ଲକ ସିଆର୍‌ସିସି ମୃତ୍ୟୁଞ୍ଜୟ ଷଡ଼ଙ୍ଗୀଙ୍କୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ବିଜୟ କୁମାର ତ୍ରିପାଠୀ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ମହତପଲ୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ରଣପୁର, ୧୬।୩(ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ମହତପଲ୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟ ନାରାୟଣ ପ୍ରଧାନ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସିଆରସିସି ଅକ୍ଷୟ ମହାପାତ୍ର, ରଣପୁର ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସମ୍ପାଦକ ଜ୍ୟୋତି ରଞ୍ଜନ କର, ମିଡିଆ କୋର୍ଡିନେଟର ସୁଶୀଲ କୁମାର ରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୁ ରଞ୍ଜନ ସାହୁ, ଆଲୁମିନି କମିଟି ସଭାପତି ଦୁର୍ଯ୍ୟୋଧନ ବାଲିଆରସିଂ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ନୟାଗଡ଼ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଓ ରାଜ୍ୟ ସଂଯୋଜକ ଜ୍ୟୋତି ରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ସଞ୍ଜୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀମତୀ କଳ୍ପନା ଦେଇ ଓ ଭାସ୍କର ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା। ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।



## 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ




ଖଣ୍ଡପଡ଼ା, ୧୬।୩(ସମିସ): ଖଣ୍ଡପଡ଼ା ବ୍ଲକ ବୋଦସା ପଞ୍ଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ପହଞ୍ଚିଥିବା ନେଇ ପ୍ରଚାର ପ୍ରସାର କରାଯାଇଥିଲା। ପୂର୍ବତନ ବ୍ଲକ ବିଜେଡି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମବାୟ ସମିତି ନିର୍ଦ୍ଦେଶକ ସଞ୍ଜୟ କୁମାର ଖୁଣ୍ଟିଆ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ପୂର୍ବତନ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଚନ୍ଦ୍ରମା ପ୍ରଧାନଙ୍କ ସମେତ ବହୁ କର୍ମୀ, ମହିଳା ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ।

## ଦେଶୀମଦ ଜବତ; ୨ କୋର୍ଟ ଚାଲାଣ

# ବଡ଼ ବ୍ୟବସାୟୀଙ୍କୁ ଛାଡ଼; ଖୁଚୁରାଙ୍କୁ ସାବାଡ଼

ଖଣ୍ଡପଡ଼ା, ୧୬।୩(ସମିସ):

ଖଣ୍ଡପଡ଼ା ସହରାଞ୍ଚଳର ଦୁଇଟି ସ୍ଥାନରେ ଚଢ଼ଉ କରି ୩୨ ଲିଟର ଦେଶୀମଦ ଜବତ ସହ ଭାସ୍କର ପ୍ରଧାନ ଏବଂ ପ୍ରସନ୍ନ କୁମାର ରଥଙ୍କୁ ଗିରଫ କରିଛି ସ୍ଥାନୀୟ ଅବକାରୀ ପୁଲିସ। ଆଜି ସକାଳେ ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ଉମାଦେବୀସାହିର ଭାସ୍କର ପ୍ରଧାନଙ୍କଠାରୁ ୨୨ ଲିଟର ଦେଶୀ ପାଉଚ ଏବଂ ମଣିକର୍ଣ୍ଣିକା ସାହିର ପ୍ରସନ୍ନ କୁମାର ରଥଙ୍କଠାରୁ ୧୦ ଲିଟର ଦେଶୀମଦ ଜବତ କରିଥିବା ସୂଚନା ମିଳିଛି। ଅବକାରୀ ବିଭାଗ ଏସ୍‌ଆଇ ସୁଶାନ୍ତ କୁମାର ମହାପାତ୍ର ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ସହରାଞ୍ଚଳରେ ଥିବା ଏକମାତ୍ର ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀମଦ ଦୋକାନଟି ଗତ ମାର୍ଚ୍ଚ ୩ ତାରିଖରୁ କୌଣସି କାରଣରୁ ଜିଲ୍ଲା ପ୍ରଶାସନ ବନ୍ଦ କରିଥିବା ବେଳେ ଏବେ ଏହାର ସୁଯୋଗ ନେଇ ଖଣ୍ଡପଡ଼ା ଏନ୍‌ଏସି ସମେତ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତଗୁଡ଼ିକରେ ବ୍ୟାପକ ପରିମାଣରେ ଦେଶୀମଦ ବିକ୍ରି ହେଉଛି। ଏଥିପ୍ରତି ପୁଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ହେଉନଥିବା ସାଧାରଣରେ ଆଲୋଚନା ହେଉଛି। ବଡ଼ ବଡ଼ ଚୋରା ଦେଶୀମଦ ବ୍ୟବସାୟୀଙ୍କୁ ଛାଡ଼ି ଦେଇ ଅଳ୍ପ କିଛିତ ଦେଶୀମଦ ବ୍ୟବସାୟୀଙ୍କୁ ଅବକାରୀ ବିଭାଗର କୋପ ଦୃଷ୍ଟି ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

